ସକାଳ
THE SAKALA



www.sakalaepaper.com

### ବାରିପଦା ଷ୍ଟେସନ ବଜାର ହାଟ ଉଚ୍ଛେଦ

# ରବିବାରଠୁ ସୁନାମୁହିଁରେ ବସିବ ହାଟ

**ବାରିପଦା, ୩୦।୫(ସମିସ):**



ବାରିପଦା ସହରର ସବୁଠୁ ବ୍ୟସ୍ତବହୁଳ ଷ୍ଟେସନ ବଜାର ହାଟ ନୂଆ ରୂପ ନେବ। ୧୮ କୋଟି ଟଙ୍କା ବ୍ୟୟରେ ଏହାର ଉନ୍ନତିକରଣ ପାଇଁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଜାନୁଆରୀ ୨୮ ତାରିଖରେ ଶିଳାନ୍ୟାସ କରିଥିଲେ। ଏଠାରେ ହାଟର ଉନ୍ନତିକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ମନ୍ତ୍ରୀ ଡଃ ମହାପାତ୍ର ନିଜ ପ୍ରତିକ୍ରିୟାରେ ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ୍ୟ ଏଠାରେ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସେତେବେଳେ ସୂଚନା ଦେଇଥିଲେ। ସେ ପର୍ଯ୍ୟନ୍ତ ହାଟ ଅସ୍ଥାୟୀ ଭାବେ ସୁନାମୁହିଁରେ କାର୍ଯ୍ୟ କରିବ। ପ୍ରଥମେ ଉଚ୍ଛେଦ କାର୍ଯ୍ୟ ଜାନୁଆରୀ ୨୦ ତାରିଖରେ ଧାର୍ଯ୍ୟ କରାଯାଇଥିଲା। ବ୍ୟବସାୟୀ ସମୟ ମାଗିବାରୁ ସ୍ଥଗିତ ରଖାଯାଇଥିଲା। ତେବେ ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ଗତ ୧୫ ତାରିଖ ସୁଦ୍ଧା ବ୍ୟବସାୟୀଙ୍କୁ ନିଜେ ହଟିଯାଅ, ନହେଲେ ହଟାଇ ଦିଆଯିବ ବୋଲି କହିଥିଲେ। ତଦନୁଯାୟୀ ସେମାନଙ୍କୁ ଆହୁରି ଅଧିକ ୧୫ ଦିନ ମହଲତ ଦିଆଯାଇ ଶନିବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାରମ୍ଭରେ ଦୋକାନୀ ବିରୋଧ କରିବାରୁ ୨ ଘଣ୍ଟା ଧରି ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ତେବେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୁଲିସ ପକ୍ଷରୁ ଆଲୋଚନା ପରେ ପୁନର୍ବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏବେ ଷ୍ଟେସନ ବଜାରରୁ ଉଚ୍ଛେଦର କଳା ବାଦଲ ଘେରି ରହିଛି। ବର୍ଷ ବର୍ଷ ଧରି ଏଠାରେ ବ୍ୟବସାୟ କରି ପରିବାର ପୋଷୁଥିବା ଛୋଟ ଛୋଟ ବ୍ୟବସାୟୀମାନେ ଏବେ ଚିନ୍ତାରେ। ଅସ୍ଥାୟୀ ସ୍ଥାନକୁ ଯିବା ପାଇଁ ନିର୍ଦ୍ଦେଶ ତ ମିଳିଛି, କିନ୍ତୁ କିଭଳି ରହିବ ସେଠାକାର ଭିତ୍ତିଭୂମି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୌର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଷ୍ଟେସନ ବଜାର ହାଟର ଆଧୁନିକୀକରଣ ଓ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ହାଟରେ ଥିବା ସମସ୍ତ ଅସ୍ଥାୟୀ ଦୋକାନ ଓ କ୍ୟାବିନକୁ ପୂର୍ବ ନିର୍ଦ୍ଧାରିତ ଅନ୍ୟଏକ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅତ୍ୟନ୍ତ ଜରୁରୀ ମନେ କରିବାକୁ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସୂଚନା ଦେଇଛନ୍ତି।

### କରଞ୍ଜିଆ ବନାଞ୍ଚଳରେ ୪୩ ଟିକିଆ ହାତୀପଲ

# ଘର ଭାଙ୍ଗି ଖାଉଛନ୍ତି ଧାନ, ଚାଉଳ; ଲୋକେ ଆତଙ୍କିତ



**କରଞ୍ଜିଆ, ୩୦।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ବର୍ତ୍ତମାନ ୪୩ଟି ହାତୀଙ୍କ ଉପସ୍ଥିତି ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଝାଡ଼ଖଣ୍ଡ ଅଞ୍ଚଳରୁ ଆସିଥିବା ଏହି ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବାବେଳେ ନିକଟସ୍ଥ ଗ୍ରାମରେ ପଶି ଘର ଭାଙ୍ଗିବା ସହ ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଖାଇ ନଷ୍ଟ କରୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ବନ ବିଭାଗ ସୂଚନା ମୁତାବକ, କରଞ୍ଜିଆ ବନଖଣ୍ଡର ବିଭିନ୍ନ ସେକ୍ସନ ଅଞ୍ଚଳରେ ଏହି ହାତୀମାନେ ବିଚରଣ କରୁଛନ୍ତି। କାଦଡିହା ସେକ୍ସନର ପାଉଦିଆ ସଂରକ୍ଷିତ ଜଙ୍ଗଲରେ ୫ଟି ହାତୀ, ପଡେଇଧୁଡ଼ି ସଂରକ୍ଷିତ ଜଙ୍ଗଲରେ ୪ଟି ହାତୀ, ସିଙ୍ଗଡା ସେକ୍ସନର ସାରଙ୍ଗଗଡ଼ ଜଙ୍ଗଲରେ ଗୋଟିଏ ଦନ୍ତା ହାତୀ, ପୋଖରୀଆ ସଂରକ୍ଷିତ ଜଙ୍ଗଲରେ ସର୍ବାଧିକ ୨୫ଟି ହାତୀ, ଭଣ୍ଡାଭଳିଆ ସେକ୍ସନର ବାଦାମପାହାଡ଼ ସଂରକ୍ଷିତ ଜଙ୍ଗଲରେ ୫ଟି, ଠାକୁରମୁଣ୍ଡା ସେକ୍ସନର ବଡ଼ବିଲ ସଂରକ୍ଷିତ ଜଙ୍ଗଲରେ ଦୁଇଟି ଦନ୍ତା ହାତୀ ଓ ଗୁଡ଼ଭଙ୍ଗା ସେକ୍ସନର ସାତକୋଶିଆ ସଂରକ୍ଷିତ ଜଙ୍ଗଲର ୧-ବି ଅଞ୍ଚଳରେ ଗୋଟିଏ ହାତୀ ରହିଛି। ହାତୀଙ୍କ ଚଳପ୍ରଚଳ ଯୋଗୁଁ କରଞ୍ଜିଆ, ଠାକୁରମୁଣ୍ଡା, କାଦଡ଼ିହା, ପୋଖରୀଆ, ଭଣ୍ଡାଭଳିଆ ଓ ଗୁଡ଼ଭଙ୍ଗା ଅଞ୍ଚଳର ପ୍ରାୟ ୫୦ରୁ ୬୦ଟି ଗ୍ରାମର ଲୋକ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ସନ୍ଧ୍ୟା ହେଲେ ଗ୍ରାମବାସୀ ଘର ବାହାରକୁ ବାହାରିବାକୁ ଭୟ କରୁଥିବାବେଳେ ରାତିସାରା ଉଜାଗର ରହି ହାତୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। ବିଶେଷକରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମକରେ ହାତୀ ଘର ଭାଙ୍ଗି ଖାଦ୍ୟଶସ୍ୟ ଖାଇ ଦେଉଥିବାରୁ ଲୋକଙ୍କ ଆର୍ଥିକ କ୍ଷତି ମଧ୍ୟ ବଢୁଛି। ଅନେକ ସ୍ଥାନରେ ହାତୀପଲ ଚାଷଜମିରେ ପଶି ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ନିରନ୍ତର ନଜର ରଖାଯାଉଥିବାବେଳେ ଲୋକଙ୍କୁ ସତର୍କ ରହିବା ପାଇଁ ମାଇକ ଯୋଗେ ସଚେତନ କରାଯାଉଛି। ହାତୀ ଥିବା ଅଞ୍ଚଳକୁ ଏକୁଟିଆ ନ ଯିବା, ରାତି ସମୟରେ ଜଙ୍ଗଲ ପାଖର୍କୁ ନ ଯିବା ଓ ହାତୀକୁ ଉତ୍ୟକ୍ତ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ କରଞ୍ଜିଆ ବନାଞ୍ଚଳରେ ୪୩ଟି ହାତୀଙ୍କ ଉପସ୍ଥିତି ସମଗ୍ର ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି କରିଥିବାବେଳେ ବନ ବିଭାଗ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଗ୍ରାମବାସୀ ହାତୀପଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ଲୋକେ ସୁରକ୍ଷା ଓ କ୍ଷତିପୂରଣ ଦାବି ଉଠାଇଛନ୍ତି।

## ଦାଦାଗିରି ଅଭିଯୋଗରେ ଯୁବକ ଗିରଫ



**ହାଟଡ଼ିହୀ,୩୦।୫(ସମିସ):** ନନ୍ଦିପଦା ଥାନା ବିଷ୍ଣୁପୁର ଗ୍ରାମର କୃଷ୍ଣଚନ୍ଦ୍ର ବେହେରା ଓରଫ୍ କାଠିଆ(୩୯)କୁ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ଦାଦାଗିରି କରୁଥିବା ଅଭିଯୋଗରେ ନନ୍ଦିପଦା ପୁଲିସ ଗିରଫ କରିଛି। କାଠିଆ ଜଣେ ଅଭ୍ୟାସଗତ ଅପରାଧୀ। ଶାଳଣିଆଁ ଗ୍ରାମର କୁଞ୍ଜବିହାରୀ ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି କାଠିଆକୁ କୋର୍ଟ ଚାଲାଣ କରିଛି। ସୂଚନା ଥାଉକି, ଉକ୍ତ ଯୁବକ ଜଣଙ୍କ ପୂର୍ବରୁ ମେଡିକାଲଠାରୁ ଆରମ୍ଭ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ବର୍ଗର ଲୋକଙ୍କ ସ ଗଣ୍ଡଗୋଳ ମାରପିଟ୍ ଭଳି ଘଟଣା ଘଟାଇଛି। ଏପରିକି ସେଠାରେ ଏକ ପୁଲିସ୍ ଫାଣ୍ଡି ହେବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା ବେଳେ ସରକାର ସେହି ଦାବିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଶିବାଙ୍ଗୀ ପ୍ରଧାନ ବାଣିଜ୍ୟ ବିଭାଗରେ ବିଶ୍ୱବିଦ୍ୟାଳୟ ଟପର୍

**ଚମ୍ପୁଆ, ୩୦।୫(ସମିସ):** କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗରେ ସର୍ବାଧିକ ୧୬୭୧ ନମ୍ବର ରଖି ଚମ୍ପୁଆ ଅଞ୍ଚଳର ଶିବାଙ୍ଗୀ ପ୍ରଧାନ ବିଶ୍ୱବିଦ୍ୟାଳୟ ଟପର



ହୋଇଛନ୍ତି। ସେ ଅତ୍ୟନ୍ତ ମେଧାବୀ ଓ ପରିଶ୍ରମୀ। ଇଚ୍ଛାଶକ୍ତି, ନିୟମିତ ଅଧ୍ୟୟନ ଓ ଶିକ୍ଷା ପ୍ରତି ଗଭୀର ଆଗ୍ରହ ଯୋଗୁଁ ଶିବାଙ୍ଗୀ ଏହି ସଫଳତା ପାଇଛନ୍ତି। ସେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ମଥୁରାପୁର ଗାଁର ନବକିଶୋର ପ୍ରଧାନ ଓ ମାଆ ପାର୍ବତୀ ପ୍ରଧାନଙ୍କ ଝିଅ। ଭବିଷ୍ୟତରେ ଶିବାଙ୍ଗୀ ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି। ଝିଅର ଏହି ସଫଳତାରେ ପରିବାରରେ ଆନନ୍ଦର ଲହରୀ ଖେଳିଯାଇଛି। ଶିବାଙ୍ଗୀ ଏହି ସଫଳତାର ଶ୍ରେୟ ବାପା, ମାଆ, ଭାଇ ଓ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଦେଇଛନ୍ତି। ତାଙ୍କ ପ୍ରତିକ୍ରିୟାରେ ସେ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ କହିଛନ୍ତି କି, କଠିନ ପରିଶ୍ରମ ସହ ଆର୍ଶୀବାଦ ମିଳିଲେ ସଫଳତା ନିଶ୍ଚୟ ମିଳିବ। ତାଙ୍କର ଏହି ଅନନ୍ୟ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀ ବାର୍ଷିକୋତ୍ସବ



**ଆନନ୍ଦପୁର, ୩୦।୫ (ସମିସ):** ଖୁଣ୍ଟାପଡ଼ା ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀ ବାର୍ଷିକୋତ୍ସବ ଓ ଭାଗବତ ପାରାୟଣ ଅବସରରେ ଏକ ବଣଭୋଜି ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଟୁଙ୍ଗୀ ସଭାପତି ଜୟଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସତସଙ୍ଗ ଅଧିବେଶନ ଆରମ୍ଭ କରାଯିବା ସହ ବରିଷ୍ଠ ଭାଗବତ ରସଗ୍ରାହି ସଜ୍ଜନ ଜନାର୍ଦ୍ଦନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅଞ୍ଚଳରେ ସର୍ବାଧିକ ମାର୍କ ମେଟ୍ରିକ୍ ପରୀକ୍ଷାରେ ରଖିଥିବା ସୁଭଦ୍ରା ସ୍ୱାଇଁ ଓ ମମତା ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନ ବ୍ରାହ୍ମଣ କନ୍ୟା ମୋକ୍ଷଣ ତଥା ବଣଭୋଜି ଅଧ୍ୟାୟର ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ସମ୍ପାଦକ ପ୍ରାଧ୍ୟାପକ ଜଗନ୍ନାଥ ଜେନା, ପ୍ରାକ୍ତନ ଉପସଭାପତି ରଘୁନାଥ ପଣ୍ଡା, ସମାଜସେବୀ କୁଳମଣି ମଣ୍ଡଳ, ବ୍ରଜନାଥ ଶର୍ମା, ପାଲା ଗାୟକ ବଳରାମ ଆଚାର୍ଯ୍ୟ ଓ ବ୍ଲକ ଉପସଭାପତି ମଦନ ମୋହନ ବେଜ ଭାଗବତ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ଘଟଗାଁ ବ୍ଲକର ଅନ୍ୟୂନ ୨୫ଟି ଟୁଙ୍ଗୀର ଭକ୍ତ ଓ ଭଜନମଣ୍ଡଳୀ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ବ୍ଲକ ସମ୍ପାଦକ ମାୟାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣି ପ୍ରଭାବିତ ଅଞ୍ଚଳରେ ପ୍ରାରମ୍ଭିକ ଶିଶୁଯତ୍ନ ସେବା 'ଆମ କଳିକା'ର ତିନି ବର୍ଷ ପୂର୍ତ୍ତି



**କେନ୍ଦୁଝର,୩୦।୫(ସମିସ):** ବାଂଶପାଳ ବ୍ଲକ, କେନ୍ଦୁଝରରେ ଓଡ଼ିଶା ସରକାରଙ୍କ 'ଆମ କଳିକା' କାର୍ଯ୍ୟକ୍ରମର ତିନି ବର୍ଷର ସଫଳ କାର୍ଯ୍ୟାନ୍ୱୟନ ଅବସରରେ କେନ୍ଦୁଝରର ସେଲ୍ ଅଡିଟୋରିୟମ୍‌ରେ ଏକ କାର୍ଯ୍ୟକ୍ରମ ୩୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଆୟୋଜିତ ହୋଇଯାଇଛି। ଏଥିରେ ପଞ୍ଚାୟତିରାଜ ପ୍ରତିଷ୍ଠାନର ସଦସ୍ୟ, ଆଇସିଡିଏସ୍ କର୍ମଚାରୀ, କ୍ରେଚ୍ କର୍ମୀ, ଅଭିଭାବକ ଓ ସମୁଦାୟ ପ୍ରତିନିଧିମାନେ ସାମିଲ ଥିଲେ। ନଭେମ୍ବର ୨୦୨୨ରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ଆରମ୍ଭ ହୋଇଥିବା 'ଆମ କଳିକା' କାର୍ଯ୍ୟକ୍ରମ ଗତ ତିନି ବର୍ଷ ମଧ୍ୟରେ ବାଂଶପାଳ ବ୍ଲକରେ ୧୫୦ଟି କ୍ରେଚ୍‌କୁ ବିସ୍ତାର କରିଛି। ଶିଶୁମାନଙ୍କର ପୋଷଣ, ସୁରକ୍ଷା ଓ ପ୍ରାରମ୍ଭିକ ଶିକ୍ଷାକୁ ସମର୍ଥନ କରିବା ସହ ଏହି କାର୍ଯ୍ୟକ୍ରମ ମହିଳାମାନଙ୍କୁ ଅଧିକ ନିରାପତ୍ତା ସହ କାର୍ଯ୍ୟରେ ଅଂଶଗ୍ରହଣ କରିବା ଓ ଶିଶୁ ଯତ୍ନର ଭାର କମାଇବାରେ ସହାୟତା କରିଛି। କାର୍ଯ୍ୟକ୍ରମରେ କ୍ରେଚ୍ କର୍ମୀମାନଙ୍କର ଅବଦାନକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେମାନେ ପ୍ରାୟତଃ ସ୍ଥାନୀୟ ସମୁଦାୟର ମହିଳା, ଯେଉଁମାନେ ପୋଷଣ, ଶିଶୁ ବିକାଶ, ସ୍ୱାସ୍ଥ୍ୟ ନିରୀକ୍ଷଣ ଓ ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରୁଛନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ ମସ୍ତିଷ୍କର ପ୍ରାୟ ୯୦% ବିକାଶ ପାଞ୍ଚ ବର୍ଷ ବୟସ ପୂର୍ବରୁ ହୋଇଥାଏ। କେନ୍ଦୁଝର ପରି ଖଣି ପ୍ରଭାବିତ ଜିଲ୍ଲାରେ, ଯେଉଁଠାରେ ପରିବାରମାନେ ଆର୍ଥିକ ଅନିଶ୍ଚିତତା, ପ୍ରବାସ ଓ ସୀମିତ ଶିଶୁ ଯତ୍ନ ସମର୍ଥନର ସମ୍ମୁଖୀନ ହୁଅନ୍ତି, ସେଠାରେ ସଂଗଠିତ ଶିଶୁ ଯତ୍ନ ସେବା ଶିଶୁ କଲ୍ୟାଣ ଓ ସମୁଦାୟର ସ୍ଥିରତା ବୃଦ୍ଧିରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ୧୯୬୯ ମସିହାରୁ ମୋବାଇଲ କ୍ରେଚେସ୍ ଭାରତର ବିଭିନ୍ନ ଅଞ୍ଚଳରେ ସୁରକ୍ଷିତ ଶିଶୁ ଯତ୍ନ କେନ୍ଦ୍ର, ସମୁଦାୟ ଅଂଶଗ୍ରହଣ ଏବଂ ସରକାର ଓ ସାମାଜିକ ସଂଗଠନମାନଙ୍କ ସହ ଭାଗୀଦାରି ମାଧ୍ୟମରେ ବଞ୍ଚିତ ସମୁଦାୟର ଛୋଟ ଶିଶୁମାନଙ୍କ ପାଇଁ ସ୍ନେହମୟ ଯତ୍ନ ନିଶ୍ଚିତ କରିବାରେ କାର୍ଯ୍ୟ କରିଆସୁଛି।

# ଦେଓଡାଙ୍ଗ-ହିଜଳି ରାସ୍ତାର ଶିଳାନ୍ୟାସ



**ବିଶୋଇ,୩୦।୫ (ସମିସ):** ବିଶୋଇ ବ୍ଲକ୍ ଅନ୍ତର୍ଗତ ବାଉତିବେଡ଼ା ପଞ୍ଚାୟତ ଅଧୀନ ଦେଓଡ଼ାଙ୍ଗଠାରୁ ହିଜିଳି ଭାୟା ନୂଆଡ଼ିହି ରାସ୍ତାର ଶିଳାନ୍ୟାସ ହୋଇଛି। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଓ ସାରସକଣା ବିଧାୟକ ଭାଦବ ହାଁସଦା ଶିଳାନ୍ୟାସ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବାଉତିବେଡ଼ା ସରପଞ୍ଚ କାଳୀଚରଣ ନାଏକ, ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୀବ ମହାନ୍ତି, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଶୋଇ ମଣ୍ଡଳ ସଭାପତି ବନମାଳୀ ଗିରିଙ୍କ ସମେତ ଅନ୍ୟ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଦେଓଡାଙ୍ଗଠାରୁ ହିଜଳି ଭାୟା ନୂଆଡ଼ିହି ଗ୍ରାମ ଦେଇ ପୂର୍ବରୁ କଚା ରାସ୍ତା ଥିବାବେଳେ ଏହି ଅଞ୍ଚଳକୁ ଉତ୍ତମ ସଡ଼କ ସଂଯୋଗ ପାଇଁ ଦୀର୍ଘଦିନରୁ ଅଞ୍ଚଳବାସୀଙ୍କ ଦାବି ହୋଇଆସୁଥିଲା। ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ କୋଟି ୧୩ ଲକ୍ଷ ୮୪ ହଜାର ୬୭୫ ଟଙ୍କା ଆର୍ଥିକ ଅଟକଳ ମୂଲ୍ୟରେ ୩.୭୧୦ କିଲୋମିଟର ଏହି ରାସ୍ତା ନିର୍ମାଣ ହେବ। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସଞ୍ଜିତ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରହ୍ଲାଦ ତରେଇ ଓ କନିଷ୍ଠ ଯନ୍ତ୍ରୀ ଇଂ ଛତିଶ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିବିଏସଇ ଖାତା ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ



**ବାରିପଦା, ୩୦।୫(ସମିସ):** ସିବିଏସଇ ଦ୍ୱାଦଶ ପରୀକ୍ଷା ଖାତା ମୂଲ୍ୟାୟନରେ ବ୍ୟାପକ ତ୍ରୁଟି ହୋଇଥିବା ନେଇ ଅଭିଯୋଗ ଆସିଛି। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ବୀରେଶ୍ୱରପୁର ନିବାସୀ ତଥା ଅବସରପ୍ରାପ୍ତ ନୌସେନା ଅଧିକାରୀ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ଝିଅ ଅଙ୍କିତା ଆଚାର୍ଯ୍ୟ ଚଳିତବର୍ଷ ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଆଶାନୁରୂପ ନମ୍ବର ନ ପାଇବାରୁ ସେ ଉତ୍ତରଖାତାର ସ୍କାନ୍ କପି ପାଇଁ ଆବେଦନ କରିଥିଲେ। ଖାତା ଯାଞ୍ଚ ପରେ ଜଣାପଡ଼ିଛି ଯେ, ପଦାର୍ଥ ବିଜ୍ଞାନ ଉତ୍ତରଖାତାରୁ ୧୬ ଓ ୧୭ ନମ୍ବର ପୃଷ୍ଠା ସମ୍ପୂର୍ଣ୍ଣ ଗାୟବ ଥିବାବେଳେ ୧୪ ଓ ୧୫ ନମ୍ବର ପୃଷ୍ଠା ଦୁଇଥର ରିପିଟ୍ ହୋଇଛି। ସେହିପରି ଗଣିତ ଖାତାରେ ମଧ୍ୟ ଠିକ୍ ଉତ୍ତର ପାଇଁ ଅତି ନଗଣ୍ୟ ମାର୍କ ଦିଆଯାଇଛି। ସିବିଏସଇ ଭଳି ଏକ ପ୍ରତିଷ୍ଠିତ ବୋର୍ଡ ନିଜର ଦକ୍ଷ ଶିକ୍ଷକଙ୍କୁ ଛାଡ଼ି କୌଣସି ଅଦକ୍ଷ ଥାର୍ଡ ପାର୍ଟି ଆଉଟ୍‌ସୋର୍ସିଂ ସଂସ୍ଥା (ହାଇଦ୍ରାବାଦର କୋଏମ୍ପେଟକ୍) ଦ୍ୱାରା ଡିଜିଟାଲ୍ ମୂଲ୍ୟାୟନ କରାଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ନେଇ ଛାତ୍ରୀଙ୍କ ପିତା ପ୍ରଶାନ୍ତ ଆଚାର୍ଯ୍ୟ ଓ ଫିଜିକ୍ସ ଅଧ୍ୟାପକ ଜଗନ୍ନାଥ ଦତ୍ତ ଓ ଅଭିଭାବକ ପ୍ରଶାନ୍ତ ଆଚାର୍ଯ୍ୟ ଗଣମାଧ୍ୟମ ସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହିତ ବୋର୍ଡ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଛାତ୍ରଛାତ୍ରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

# ସାମ୍ବାଦିକଙ୍କୁ ବେତନଟୀ ବିଡିଓଙ୍କ ଦୁର୍ବ୍ୟବହାର ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବାରିପଦା, ୩୦।୫(ସମିସ):** ବେତନଟୀ ବ୍ଲକର ଭାରପ୍ରାପ୍ତ ବିଡିଓ ମୁନା ସେଠୀ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ ନେଇ ସାକ୍ଷାତ କରିବାକୁ ଯାଇଥିବା ବେତନଟୀ ବ୍ଲକର ସାମ୍ବାଦିକଙ୍କୁ ସନ୍ତୋଷ ଜନକ ଉତ୍ତର ଦେବା ପରିବର୍ତ୍ତେ ଭୁଲ ତଥ୍ୟ ପ୍ରଦାନ କରିବା, ଏପରିକି ରାଜ୍ୟ ପୁରସ୍କାରପ୍ରାପ୍ତ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅନ୍ୟ ସାମ୍ବାଦିକଙ୍କୁ ସାମ୍ବାଦିକ ସଙ୍ଘର ଆଇକାର୍ଡ ମାଗି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗରେ ଶନିବାର ସାମ୍ବାଦିକ ଶ୍ରୀ ନନ୍ଦଗୋସ୍ୱାମୀ ଅନ୍ୟ ସାମ୍ବାଦିକଙ୍କ ସହ ଯାଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବେତନଟୀର ଭାରପ୍ରାପ୍ତ ବିଡିଓ ତଥା ବେତନଟୀ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁନା ସେଠୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଉପସ୍ଥାପନ କରିଛନ୍ତି।

ସୂଚନା ମୁତାବକ, ଗତ ୧୮ ତାରିଖ ଦିନ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ସମେତ ୬ ଜଣ ଗଣମାଧ୍ୟମ ପ୍ରତିନିଧି ବେତନଟୀ ବ୍ଲକରେ ନୂଆ କରି ଯୋଗଦାନ କରିଥିବା ଭାରପ୍ରାପ୍ତ ବିଡିଓ ମୁନା ସେଠୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଦିନିଆ ବର୍ଷାରେ ଡ୍ରେନ ସଫା ହୋଇ ନ ଥିବାରୁ ଡ୍ରେନର ନର୍ଦ୍ଦମା ପାଣି ଲୋକଙ୍କ ବାସଗୃହରେ ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ପ୍ରକାଶିତ ଖବର ଦେଖାଇ ତା'ର ପ୍ରତିକାର ପାଇଁ ନିବେଦନ କରିଥିଲେ। ତେବେ ବିଡିଓ ସମସ୍ୟା ବାବଦରେ କିଛି ନ ଶୁଣି ସହରର ସମସ୍ତ ଡ୍ରେନ ସଫେଇ କାର୍ଯ୍ୟ ଶେଷ ହୋଇଥିବା କହିବା ସହିତ ସମସ୍ତଙ୍କୁ ସାମ୍ବାଦିକ ସଂଘର ପରିଚୟ ପତ୍ର ଦେଖାଇବାକୁ କହିଥିଲେ। ତେବେ ସାମ୍ବାଦିକମାନେ ନିଜ ନିଜ ସଂସ୍ଥାରୁ ପ୍ରାପ୍ତ ପରିଚୟପତ୍ର ଦେଖାଇବା ସତ୍ତ୍ୱେ ସାମ୍ବାଦିକଙ୍କୁ ଅପମାନିତ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗ ଶୁଣି ତୁରନ୍ତ ସମ୍ପୃକ୍ତ ବିଡିଓଙ୍କୁ ତାଗିଦ କରିବା ସହିତ ଲୋକଙ୍କ ଅଭିଯୋଗ ଶୁଣିବା ଓ ତା'ର ସମାଧାନ କରିବା ପ୍ରଶାସକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହି ତଦନ୍ତ ପରେ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ରଞ୍ଜନ କୁମାର ଦାଶ, ମାନସ ରଞ୍ଜନ ବେହେରା, ମନୋଜ କୁମାର ପଣ୍ଡା, ନୀଳାଦ୍ରୀ ବିହାରୀ ଦଣ୍ଡପାଟ, ଦୀପକ କୁମାର ନାୟକ ଓ ଶାରଦା ପ୍ରସାଦ ବାରିକ ପ୍ରମୁଖ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

## ବିଲ ମଝିରୁ ୧୧ କେଭି ବିଦ୍ୟୁତ୍ ତାର ଚୋରି



**ବୈଶିଙ୍ଗା,୩୦।୫(ସମିସ):** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ବିଦ୍ୟୁତ୍ ସେକ୍ସନ ଅଧୀନ ମିରିଗିଦାରୀ ଗ୍ରାମ ନିକଟସ୍ଥ ବିଲ ମଝିରୁ ୧୧ କେଭି କ୍ଷମତା ସମ୍ପନ୍ନ ପ୍ରାୟ ଦେଢ଼ କିଲୋମିଟର ଲମ୍ବର ଲକ୍ଷାଧିକ ଟଙ୍କାର ତାର ଲୁଟେରା କାଟି ନେଇଛନ୍ତି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଚାଲିଥିବାବେଳେ ଗରମ ଯୋଗୁ ଲୋକେ ପ୍ରଭାବିତ ହେଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଲୁଟେରାମାନେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ଦେଢ଼ କିଲୋମିଟର ଲମ୍ବ ପାଖାପାଖି ୨ ଲକ୍ଷ ଟଙ୍କାର ତାର କାଟିନେଇଥିବା ନେଇ ଆଜି ସକାଳୁ ସ୍ଥାନୀୟ ଲାଇନମ୍ୟାନ ମାଣତ୍ରୀ ସେକ୍ସନକୁ ଖବର ଦେଇଥିଲେ। ସମସ୍ୟା ନେଇ ବିଦ୍ୟୁତ ବିଭାଗ ବୈଶିଙ୍ଗା ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ ନିକୁଞ୍ଜ ବିହାରୀ ଜେନା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ଅଞ୍ଚଳ ବୁଢ଼ାବଳଙ୍ଗ ନଦୀପଠା ହୋଇଥିବାରୁ ଲୋକମାନଙ୍କ ବିଭିନ୍ନ ଜାତିର ଫସଲ କ୍ଷେତ ଓ ପରିବା ଚାଷ କରାଯାଇଛି। ଚାଷୀ କରଜ ଓ ଋଣ କରି ଫସଲ କରିଛନ୍ତି। ଏବେ ବିଦ୍ୟୁତ ତାର ଚୋରି ଯୋଗୁଁ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି ଚାଷୀ। ସେହିପରି ବାରମ୍ବାର ତାର ଚୋରି ପାଇଁ ବିଦ୍ୟୁତ ବିଭାଗର ନିଦ ହଜିଗଲାଣି। କିଛିଦିନ ପୂର୍ବରୁ ଉକ୍ତ ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ତାର ଚୋରି ହୋଇଥିଲା। ବାରମ୍ବାର ବିଦ୍ୟୁତ ତାର ଚୋରି ହେବା ପରେ ବି ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି।

## ଧର୍ମାନ୍ତରୀକରଣ ରୋକିବାକୁ ଦାବିପତ୍ର



**ଉଦଳା, ୩୦।୫(ସମିସ):** ଧର୍ମାନ୍ତରୀକରଣକୁ ନେଇ ମୁଣ୍ଡ ଟେକିଲା ବିବାଦ। ଧର୍ମ ପରିବର୍ତ୍ତନ ବିରୋଧରେ କପ୍ତିପଦା ଉପଖଣ୍ଡର ଚାରୋଟି ବ୍ଲକର ଆଦିବାସୀ ସମ୍ପ୍ରଦାୟ ମୁଖିଆ ଏକଜୁଟ୍ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଧର୍ମ ପରିବର୍ତ୍ତନ ଉପରେ ତୁରନ୍ତ ରୋକ ଲାଗିବା ସହିତ ଏଭଳି କାମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଯାହାକୁ ନେଇ ଆଜି ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଶତାଧିକ ଆଦିବାସୀ ସମ୍ପ୍ରଦାୟ ବ୍ୟକ୍ତିବିଶେଷଙ୍କ ସହିତ ଗ୍ରାମ ମୁଖିଆ ଉପଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହା ଉପରେ ତୁରନ୍ତ ରୋକ ଲାଗିବା ଦରକାର। ଧର୍ମ ପରିବର୍ତ୍ତନ କରାଇ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଫାଟ ସୃଷ୍ଟି କରାଯିବା ସହିତ କନ୍ଦଳ ସୃଷ୍ଟି କରାଯାଉଥିବା କହିଛନ୍ତି ଗ୍ରାମ ମୁଖିଆ। କେବଳ ସେତିକି ନୁହେଁ, ଆଦିବାସୀଙ୍କ ପରମ୍ପରା ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ମାଝୀ ବାବା କହିଛନ୍ତି।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ




**ମହୁଲଡିହା,୩୦।୫(ସମିସ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ନଂ ରାଜ୍ୟ ରାଜପଥ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚାଇଁବାଇଁଶି ନିକଟରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଶୁକ୍ରବାର ରାତିରେ ୧୦୨ ନମ୍ବର ଫୋନ କଲ ପାଇ କରଞ୍ଜିଆରୁ ଆମ୍ବୁଲାନ୍ସ ଆସି ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣୀ ପଞ୍ଚାୟତ ସାରୁବିଲ ଗ୍ରାମରୁ ଜଣେ ଗର୍ଭବତୀ ମହିଳା ସାଲଗେ ହେମ୍ବ୍ରମ (୩୦)ଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ିଥିଲା। ଭୋର ପ୍ରାୟ ୫ଟାରେ ଠାକୁରମୁଣ୍ଡାରୁ କରଞ୍ଜିଆ ଫେରୁଥିବାବେଳେ ଚାଇଁବାଇଁଶ ଜଙ୍ଗଲରୁ ଏକ ଜନ୍ତୁ ଗାଡ଼ି ଆଗକୁ ଚାଲି ଆସିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଶାଳଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଠାକୁରମୁଣ୍ଡା ପୁଲିସ ଖବର ପାଇ ଦୁର୍ଘଟଣା ସ୍ଥଳକୁ ଯାଇ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଏକ ଟ୍ରାକ୍ଟର ଯୋଗେ ଉଠାଇ ଚାଇଁବାଇଁଶ ପେଟ୍ରୋଲ ପମ୍ପରେ ରଖିଛି। ଡ୍ରାଇଭର ସଂଜୟ ମହାନ୍ତଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଥିବା ଜଣାପଡିଛି।

# ଟାଉନ ଥାନା ପରିସରରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ କାର୍ ଭଙ୍ଗାରୁଜା ଘଟଣାରେ ୮ ଗିରଫ

**ବାରିପଦା,୩୦।୫(ସମିସ):**



ବାରିପଦା ଟାଉନ ଥାନା ପରିସରରେ ଶୁକ୍ରବାର ରାତି ଗଣ୍ଡଗୋଳ ଓ କାର୍ ଭଙ୍ଗାରୁଜା କରିବା ଘଟଣାରେ ପୁଲିସ ପୃଥକ ମାମଲା ରୁଜୁ କରି ଉଭୟ ପକ୍ଷରୁ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଞ୍ଜପୁର ଥାନା ଭୁବୁଡାକଟା ଅଞ୍ଚଳର ରାହୁଲ ଭୂଜବଳ(୩୪), ବାଘଡାରୋଡ ଅଞ୍ଚଳର ଏମଡି କାଦିର ଅଲ୍ଲୀ (୨୪), ମୋରଡା ଥାନା କାନ୍ଦଣା ଅଞ୍ଚଳର କରୁଣାକର ପଣ୍ଡିତ (୨୯), କୁଳିଅଣା ଥାନା ଗାଙ୍ଗରାଜ ଅଞ୍ଚଳର ଜ୍ୟୋତିର୍ମୟ ସେଠୀ (୩୫), ବାରିପଦା ଟାଉନ ଥାନା କାଳିକାପୁର ଅଞ୍ଚଳର ଏମଡି ଇଲିଆସ (୨୧) ଓ ଗୌରାଙ୍ଗ ଚକ୍ରବର୍ତ୍ତୀ (୨୭), ଖୁଣ୍ଟା ଥାନା ଡୁକୁରା ଅଞ୍ଚଳର ଚିତ୍ତରଞ୍ଜନ ବେହେରା (୨୪) ଓ ଲଳିତ କୁମାର ବେହେରା (୨୪)।

ଶୁକ୍ରବାର ବାରିପଦା ଅଞ୍ଚଳର କିଛି ଯୁବକ ଶିମିଳିପାଳର ଲୁଲୁଙ୍ଗକୁ ବଣଭୋଜି କରିବାକୁ ଯାଇଥିଲେ। ସେ ସମୟରେ ଡୁକୁରା ଅଞ୍ଚଳର ଅନ୍ୟଏକ ଗୋଷ୍ଠୀ ମଧ୍ୟ ସେଠାକୁ ଯାଇଥିଲେ। ସନ୍ଧ୍ୟା ସମୟରେ ଫେରିବା ବାଟରେ ରାସ୍ତା କଡ଼ରେ ଛିଡା ହେବାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଡୁକୁରା ଅଞ୍ଚଳର ଯୁବକ ବାଇକ୍ ଯୋଗେ ଆସି ସଦର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଓ ପରେ ରଥପଡ଼ିଆ ନିକଟରେ ବାରିପଦା ଯୁବକଙ୍କ କାର୍‌କୁ ଅଟକାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ହାତାହାତି ହେବା ସହ ଡୁକୁରା ଗୋଷ୍ଠୀର ଯୁବକ ରେନୋଲ୍ଟ ଡଷ୍ଟର କାର୍‌ର ସମ୍ମୁଖ କାଚକୁ ଭାଙ୍ଗି ଦେଇଥିଲେ। ଭୟରେ ବାରିପଦାର ଯୁବକମାନେ ଗାଡ଼ି ନେଇ ଟାଉନ ଥାନା ପରିସରକୁ ଚାଲି ଆସିଥିବାବେଳେ ଅପରପକ୍ଷର ଯୁବକମାନେ ମଧ୍ୟ ସେମାନଙ୍କୁ ଗୋଡ଼ାଇ ଥାନା ଆଗରେ ହୋହଲ୍ଲା କରି ଗଣ୍ଡଗୋଳ କରିଥିଲେ। ପରିସ୍ଥିତିକୁ ଦେଖି ଟାଉନ ଥାନା ପୁଲିସ ସଙ୍ଗେ ସଙ୍ଗେ ପଦକ୍ଷେପ ଗ୍ରହଣ କରି ଉଭୟ ପକ୍ଷର ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ କାହାରିକୁ ଗୁରୁତର ଆଘାତ ଲାଗି ନ ଥିବାବେଳେ ଉଭୟ ପକ୍ଷର ଅଭିଯୋଗ କ୍ରମେ ଟାଉନ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଗୋଷ୍ଠୀଗତ ସଂଘର୍ଷକୁ ଗୁରୁତର ସହ ନେଇ ପୁଲିସ ଉଭୟ ପକ୍ଷରୁ ୪ ଜଣ ଲେଖାଏଁ ମୋଟ ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଟାଉନ ଥାନା ପରିସରରେ ଗୋଷ୍ଠୀ ସଂଘର୍ଷକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୁବଗୋଷ୍ଠୀଙ୍କ ମଧ୍ୟରେ ପୁଲିସ ଓ ଆଇନ ପ୍ରତି ଭୟ ନରହିବା ନେଇ ବୁଦ୍ଧିଜୀବୀ ମଧ୍ୟରେ ଏବେ ଚର୍ଚ୍ଚା ଜୋର୍ ଧରିଛି।

